# NATIONAL NEWS BULLETIN (ODIA)

## 18 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଲୋକସଭାର ସମର୍ଥନ ହାସଲ କରିପାରିଲା ନାହିଁ ମହିଳାମାନଙ୍କ ପାଇଁ ଏକତୃତୀୟାଂଶ ସ୍ଥାନ ସଂରକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ସମ୍ବିଧାନର ୧୩୧ତମ ସଂଶୋଧନ ବିଧେୟକ ।

- ହର୍ମୁଜ୍ ପ୍ରଣାଳୀରେ ଉପୁଜିଥିବା ପରିସ୍ଥିତିର ସମାଧାନ ପାଇଁ ଆୟୋଜନ ହେବାକୁ ଥିବା ଶିଖର ସମ୍ମିଳନୀରେ ଯୋଗଦେବ ଭାରତ ।

- ୟୁରାନିୟମ୍ ସ୍ଥାନାନ୍ତର ସମ୍ପର୍କିତ ଆମେରିକା ରାଷ୍ଟ୍ରପତିଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କଲା ଇରାନ୍ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌କୁ ୫ ୱିକେଟ୍‌ରେ ପରାସ୍ତ କଲା ଗୁଜରାଟ ଟାଇଟନ୍ସ ।

# ଲୋକସଭା

ଲୋକସଭା ଏବଂ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭା ଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ସମ୍ବିଧାନର ୧୩୧ତମ ସଂଶୋଧନ ବିଧେୟକ ଲୋକସଭାର ସମର୍ଥନ ହାସଲ କରିପାରିନାହିଁ । ଲୋକସଭାରେ ଉପସ୍ଥିତ ୫୨୮ ଜଣ ସଦସ୍ୟଙ୍କ ମଧ୍ୟରୁ ୨୯୮ ଜଣ ସଦସ୍ୟ ଏହାର ସପକ୍ଷରେ ଏବଂ ୨୩୦ ଜଣ ସଦସ୍ୟ ବିପକ୍ଷରେ ଭୋଟ ଦେଇଥିଲେ । ବାଚସ୍ପତି ଓମ୍ ବିର୍ଲା ଭୋଟିଂ ଫଳାଫଳ ଘୋଷଣା କରି କହିଥିଲେ, ଏହି ସଂଶୋଧନ ବିଧେୟକ ଆବଶ୍ୟକ ବହୁମତ ହାସଲ କରିପାରି ନାହିଁ ।

ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସୀମା ନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ୍ ସଂଶୋଧନ ବିଧେୟକ ପରସ୍ପର ସହ ସମ୍ପୃକ୍ତ ହୋଇଥିବାରୁ ଏହାକୁ ମଞ୍ଜୁରୀ ପାଇଁ ପଠାଯିବ ନାହିଁ ।

**V/O-Kiren Rijiju**

ସମ୍ବିଧାନର ୧୩୧ତମ ସଂଶୋଧନ ବିଧେୟକ ସର୍ବଶେଷ ପ୍ରକାଶିତ ଜନଗଣନା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ମାଧ୍ୟମରେ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ ଥିଲା ।

ଗତକାଲି ପୂର୍ବାହ୍ନ ୧୧ଟାରେ ଏହିସବୁ ସଂଶୋଧନ ବିଧେୟକଗୁଡ଼ିକ ଉପରେ ଆଲୋଚନା ପାଇଁ ଲୋକସଭା ଏକତ୍ର ହୋଇଥିଲା । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକସଭାରେ ଏହିସବୁ ବିଧେୟକଗୁଡ଼ିକ ଉପରେ ଉତ୍ତରରେ କହିଥିଲେ, ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସଂଘୀୟ ସନ୍ତୁଳନ ସୃଷ୍ଟି କରିବା ଉପରେ ପ୍ରାଥମିକତା ଦେଇ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ସେ କହିଥିଲେ, ରାଜ୍ୟଗୁଡ଼ିକର କ୍ଷମତାକୁ ସନ୍ତୁଳିତ କରିବା ହେଉଛି କେନ୍ଦ୍ର ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଏଥିସହିତ ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱ ଦେଇ ସରକାର ଲୋକସଭା ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ରଖିବା ଲାଗି ଏଭଳି ପଦକ୍ଷେପ ଆରମ୍ଭ କରିଛନ୍ତି ବୋଲି ଶ୍ରୀ ଶାହା କହିଥିଲେ । ସେ କହିଥିଲେ, ସଂସଦର ଚଳିତ ଅଧିବେଶନରେ ଏହି ପ୍ରସଙ୍ଗରେ ଏ ପର୍ଯ୍ୟନ୍ତ କହିବା ଲାଗି ୧୨୩ ଜଣ ସାଂସଦଙ୍କୁ ସୁଯୋଗ ଦିଆଯାଇଛି । ସେଥିମଧ୍ୟରୁ ୫୬ ଜଣ ମହିଳା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ।

ସେ କହିଥିଲେ, ୧୯୭୬ ମସିହାରେ ଦେଶର ଜନସଂଖ୍ୟା ୫୪ ଦଶମିକ୍ ୭/୯ କୋଟି ଥିବା ବେଳେ ବର୍ତ୍ତମାନ ଏହା ୧୪୦ କୋଟି ଅତିକ୍ରମ କରିଛି । ୨୦୨୯ ମସିହାରେ ସାଧାରଣ ନିର୍ବାଚନରେ ଏହି

ଆଇନ୍ ଲାଗୁ କରିବାକୁ ହେଲେ ବର୍ତ୍ତମାନଠାରୁ ଏହାର ପ୍ରସ୍ତୁତି ଆବଶ୍ୟକ ବୋଲି ଶ୍ରୀ ଶାହା କହିଥିଲେ ।

ଏତଦ୍‌ବ୍ୟତୀତ ମହିଳାମାନଙ୍କ ପାଇଁ ଏହି ସଂରକ୍ଷଣ ସହିତ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସମେତ ସମସ୍ତ କାର୍ଯ୍ୟ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ କରାଯାଉଛି ବୋଲି ଶ୍ରୀ ଶାହା ସ୍ପଷ୍ଟ କରିଛନ୍ତି । ସେ କହିଥିଲେ, ସୀମା ପୁନଃ ନିର୍ଦ୍ଧାରଣ କରାଯାଇପାରିଲେ ସଂସଦ ତଥା ବିଧାନସଭାଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଲାଗି ଆସନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇପାରିବ । ସେ କହିଥିଲେ, ଏ ସମ୍ପର୍କରେ ବିରୋଧିମାନଙ୍କ ପକ୍ଷରୁ କରାଯାଉଥିବା ପ୍ରତ୍ୟେକଟି ଅଭିଯୋଗର ସଠିକ୍ ଉତ୍ତର ସରକାରଙ୍କ ପକ୍ଷରୁ ଦିଆଯାଇଛି । ତେଣୁ ବିରୋଧି ଦଳମାନେ ଏ ପ୍ରସଙ୍ଗରେ ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅନୁରୋଧ କରିଥିଲେ ।

**V/O-Amit Saha**

ଆଲୋଚନାରେ ଅଂଶଗ୍ରହଣ କରି ବିରୋଧି ଦଳ ନେତା ରାହୁଲ ଗାନ୍ଧି କହିଥିଲେ, ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳାଙ୍କ ଲାଗି ସଂରକ୍ଷଣ ବିଲ୍ ନୁହେଁ କିମ୍ବା ନାରୀ ସଶକ୍ତିକରଣ ଦିଗରେ ମଧ୍ୟ ଏହାର କୌଣସି ଭୂମିକା ନାହିଁ । ବରଂ ଦଳୀତ ଏବଂ ଅନ୍ୟାନ୍ୟ ପଛୁଆବର୍ଗର ଲୋକଙ୍କୁ ସମାଜରେ ନିଜର ଅଧିକାର ସହିତ ଜୀବନଯାପନ କରିବାରୁ ଏହା ବଞ୍ଚିତ କରିବ ।

ଦେଶରେ ଜାତିଭିତ୍ତିକ ଜନଗଣନାକୁ ଗୁରୁତ୍ୱହୀନ କରିବା ଲାଗି ଏହି ସଂରକ୍ଷଣ ବିଲ୍ ଅଣାଯାଇଛି ବୋଲି ଶ୍ରୀ ଗାନ୍ଧି ଅଭିଯୋଗ କରିଥିଲେ ।

## ଇରାନ୍ ୟୁନିୟମ୍ ଟ୍ରାନ୍ସଫର କ୍ଲେମ୍

ଆମେରିକାକୁ ଇରାନ୍ ୟୁରାନିୟମ ସ୍ଥାନାନ୍ତର କରିବାକୁ ସମ୍ମତି ପ୍ରକାଶ କରିଥିବା ନେଇ ଗତକାଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ, ଇରାନ୍ ଏହାକୁ ଖଣ୍ଡନ କରିଛି । ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସ୍‌ମାଇଲ୍ ବାଘେଇ କହିଛନ୍ତି, ତେହେରାନ କୌଣସି ପରିସ୍ଥିତିରେ ଏଭଳି ପଦକ୍ଷେପକୁ ଅନୁମତି ଦେବ ନାହିଁ । ଆମେରିକା ନୌସେନା ଦ୍ୱାରା ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ହତାସା ଏବଂ ଅସହାୟତାର ସଂକେତ ବୋଲି ସେ କହିଛନ୍ତି ।

## ଇଣ୍ଡିଆ-ଅଷ୍ଟ୍ରିଆ ବିଜ୍‌ନେସ୍ ଫୋରମ୍

ନୂଆଦିଲ୍ଲୀରେ ଗତକାଲି ଭାରତ-ଅଷ୍ଟ୍ରିଆ ବ୍ୟବସାୟ ଫୋରମ୍ ଅନୁଷ୍ଠିତ ହୋଇଛି । ଅଷ୍ଟ୍ରିଆର ଚାନ୍‌ସେଲର୍ ଡକ୍ଟର ଖ୍ରୀଷ୍ଟିୟାନ୍ ଷ୍ଟର୍କ୍‌ଙ୍କ ଭାରତ ଗସ୍ତ ସମୟରେ ଅନୁଷ୍ଠିତ ଏହି ଫୋରମ୍‌ରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ଦୃଢ଼ କରିବା ନେଇ ଆଲୋଚନା ହୋଇଛି ।

ଫୋରମ୍‌ରେ ଯୋଗଦେଇ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଉଭୟ ଦେଶ ମଧ୍ୟରେ ନିରନ୍ତର ବ୍ୟବସାୟିକ ସମ୍ପର୍କ ଦୃଢ଼ କରିବା ଏବଂ ଉନ୍ନତି ପ୍ରଯୁକ୍ତିବିଦ୍ୟା ବ୍ୟବହାର ନେଇ ବୈଠକରେ ଆଲୋଚନା ହୋଇଛି । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ତିନି ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିଥିବା ବେଳେ ଅଷ୍ଟ୍ରିଆର ୧୬୦ଟି କମ୍ପାନୀ ଭାରତରେ କାର୍ଯ୍ୟ କରୁଛନ୍ତି ।

## ଇଣ୍ଡିଆ-ୟୁକେ-ଫ୍ରାନ୍ସ ହର୍ମୁଜ୍

ହର୍ମୁଜ୍ ପ୍ରଣାଳୀ ଦେଇ ସୁରକ୍ଷିତ ପରିବହନ ପାଇଁ ଫ୍ରାନ୍ସ ଏବଂ ବ୍ରିଟେନ୍ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ପଦକ୍ଷେପରେ ଭାରତ ଯୋଗଦେବ । ଏଥିରେ ଭାରତକୁ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଥିବା କୁହାଯାଇଛି । ଗତକାଲି ସାପ୍ତାହିକ ସୂଚନା ପ୍ରଦାନ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ବିଷୟ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି କରିଡ଼ର ମଧ୍ୟରୁ ଗୋଟିଏର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆରମ୍ଭ ହେବାକୁଥିବା ଉଦ୍ୟମରେ ଭାରତ ସାମିଲ ହେବ । ସେ କହିଛନ୍ତି, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଏ ନେଇ ଆଲୋଚନା କରିଛନ୍ତି । ହର୍ମୁଜ୍ ପ୍ରଣାଳୀର

ପରିସ୍ଥିତିର ସମାଧାନ ପାଇଁ ଉଭୟ ନେତା ୪୦ଟି ଦେଶ ସହିତ ଆଭାସୀ ଜରିଆରେ ଶିଖର ସମ୍ମିଳନୀ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ- ପଦ୍ମ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଧାରାବାହିକର ପରବର୍ତ୍ତୀ ଭାଗରେ ଜାମ୍ମୁ କାଶ୍ମୀରର ସୁପ୍ରସିଦ୍ଧ ଲେଖକ ସଫି ସୌକଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । କାଶ୍ମୀରୀ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସଫି ସୌକ୍‌ଙ୍କ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

## ୟୁଏସ୍ ବ୍ଲକେଡ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଇରାନ୍ ସହ ଶାନ୍ତି ଚୁକ୍ତିନାମା ଚୂଡ଼ାନ୍ତ ନ ହେବା ପର୍ଯ୍ୟନ୍ତ ସେଠାକାର ବନ୍ଦରଗୁଡ଼ିକରେ ଆମେରିକା ନୌସେନା ପକ୍ଷରୁ ଅବରୋଧ ଜାରି ରହିବ । ଇରାନ୍‌ର ହର୍ମୁଜ୍

ପ୍ରଣାଳୀକୁ ନିଜ ଅକ୍ତିଆରକୁ ନେବା ସତ୍ତ୍ୱେ ଏହି ଅବରୋଧ ଜାରି ରହିବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ଟ୍ରୁଥ୍ ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଯେପର୍ଯ୍ୟନ୍ତ ଇରାନ୍ ସହିତ ଆମେରିକାର କାରବାର ଶତପ୍ରତିଶତ ସମ୍ପୂର୍ଣ୍ଣ ନ ହେବ ସେ ପର୍ଯ୍ୟନ୍ତ ଆମେରିକା ନୌସେନା ଇରାନ୍‌ରେ ପ୍ରଭାବଶାଳୀ ଢଙ୍ଗରେ ନିଜର କାର୍ଯ୍ୟ ଜାରି ରଖିବ ।

## ଇସ୍ରାଏଲ୍-ଲେବାନନ

ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଇସ୍ରାଏଲ୍‌ର ଆକ୍ରମଣରେ କୌନିନ୍ ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ଇସ୍ରାଏଲ୍ ଏବଂ ଲେବାନନ ମଧ୍ୟରେ ୧୦ ଦିନିଆ ଯୁଦ୍ଧ ବିରତି କାର୍ଯ୍ୟକାରି ହେବା ପରେ ଏହା ପ୍ରଥମ ଆକ୍ରମଣ । ପୂର୍ବରୁ ଲେବାନନର ସୀମା ଏବଂ ଦକ୍ଷିଣ ଲେବାନନରେ ଥିବା ଜାତିସଂଘର ଶାନ୍ତିରକ୍ଷିଙ୍କ ଯୁଦ୍ଧବିରତି ପରେ କିଛି ସ୍ଥାନରେ ଗୁଳିଗୋଳା ବର୍ଷଣ ହୋଇଥିବା ସୂଚନା ମିଳିଛି ।

# ଏମ୍‌ଇଏ ବ୍ରିଫିଙ୍ଗ୍

ପଶ୍ଚିମ ଏସିଆରେ ଗତ ଫେବୃୟାରୀ ୨୮ ତାରିଖରୁ ଦେଖାଦେଇଥିବା ଦ୍ୱନ୍ଦ୍ୱ ପରିସ୍ଥିତି ମଧ୍ୟରେ ଏ ପର୍ଯ୍ୟନ୍ତ ୨ ହଜାର ୩୬୧ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଇରାନ୍‌ରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଯାଇଛି । ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସେମାନଙ୍କ ମଧ୍ୟରୁ ୨ହଜାର ୬୦ ଜଣଙ୍କୁ ଆର୍ମେନିଆ ଏବଂ ୩୦୧ ଜଣଙ୍କୁ ଆଜାରବୈଜାନ୍ ଦେଇ ଭାରତ ଅଣାଯାଇଛି ।

ଇସ୍ରାଏଲ୍-ଲେବାନନ ମଧ୍ୟରେ ଅସ୍ତ୍ରବିରତି ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ଏହାକୁ ସ୍ୱାଗତ କରୁଛି । ଶାନ୍ତି ପ୍ରତିଷ୍ଠା ଦିଗରେ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପକୁ ଭାରତ ସ୍ୱାଗତ କରେ ବୋଲି ସେ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତ ସନ୍ଧ୍ୟାରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୫

ଓ୍ୱିକେଟ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌କୁ ପରାସ୍ତ କରିଛି । ୧୮୧ରନ୍‌ର ପିଛା କରି ଗୁଜରାଟ ଟାଇଟନ୍ସ ୧୯ ଓଭର ୪ଟି ବଲ୍‌ରେ ଆବଶ୍ୟକ ସ୍କୋର ହାସଲ କରିଥିଲା । ଶୁଭମନ ଗିଲ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୧୮୦ରନ୍ ସ୍କୋର କରିଥିଲା ।

ଆଜି ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁର ଏମ୍. ଚିନ୍ନା ସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅପରାହ୍ଣ ୩ଟା ୩୦ରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ସନ୍ଧ୍ୟା ୭ଟା ୩୦ରେ ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଟି-ଟ୍ୱେଣ୍ଟି-ମହିଳା କ୍ରିକେଟ୍

ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ଓ୍ୱିକେଟ୍‌ରେ ଭାରତକୁ ପରାସ୍ତ କରିଛି । ଡର୍ବାନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୧୫୮ରନ୍‌ର ପିଛା କରି ଦକ୍ଷିଣ ଆଫ୍ରିକା ୧୯ ଓଭର ଗୋଟିଏ ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ପ୍ରଥମ ମ୍ୟାଚ୍‌ରେ ବିଜୟ ସହ ଦକ୍ଷିଣ ଆଫ୍ରିକା ୧-୦ରେ ଆଗରେ ରହିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୫୭ରନ୍ ସ୍କୋର କରିଥିଲା । ଆସନ୍ତାକାଲି ୫ଟିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଡର୍ବାନ୍‌ରେ ଖେଳାଯିବ । ଆସନ୍ତା ୨୨ରେ ତୃତୀୟ ଏବଂ ୨୫ ତାରିଖରେ ଚତୁର୍ଥ ମ୍ୟାଚ୍ ଅନୁଷ୍ଠିତ ହେବ । ବେନୋନିର ୱିଲ୍‌ମୋର୍ ପାର୍କରେ ଆସନ୍ତା ୨୭ତାରିଖରେ ଅନ୍ତିମ ମ୍ୟାଚ୍ ଖେଳାଯିବ ।